# Akashvani, Sambalpur

## SAMBALPURI NEWS EVENING BULLETIN

## 26 july 2026-7.02- 7.12 pm.

---

୧- ଅଷାଢ଼ ମାସର୍ ଉଜଲ୍ ପଖର୍ ଦ୍ୱାଦଶୀ ତିଥିରେ ଶ୍ରୀକ୍ଷେତ୍ର ପୁରୀ ନ ଚାଲିଛେ ମାହାପୁରୁମାନ୍‌କର୍ ଅଧରପଣା ନୀତି ।

୨- ମା ମାଟିର୍ ସୁରକ୍ଷା ଲାଗି କାର୍‌ଗିଲ୍ ବୀର୍ ସହୀଦ୍ ମାନ୍‌କର୍ ସର୍ବୋଚ୍ଚ ବଳିଦାନ୍ ସୁର୍‌ତା ହେଇକରି ରହେବା ମନ୍ କି ବାତ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

- କ୍ୟାଚ୍ ଦ ରେନ୍ ଅଭିଯାନ୍‌ଥି ପାନିର୍ ଉସର୍ ସଂରକ୍ଷଣ୍‌ଥି ଭୁବ୍‌ନେଶ୍ୱର୍ ସଫଲତାକେ କଲେ ପ୍ରଶଂସା ।

ଆଉର୍

୩- କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ ପ୍ରହ୍ଲାଦ ଯୋଷୀ ।

ଅଧରପଣା ନୀତି          ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଅଷାଢ଼ ମାସର୍ ଉଜଲ୍ ପଖର୍ ଦ୍ୱାଦଶୀ ତିଥି ଦିନ ଗରୁଡ଼ ଶୟନ ନୀତି ସହେତେ ତିନ୍‌ହି ରଥ ନ ମାହାପୁରୁମାନ୍‌କର୍ ଅଧରପଣା ନୀତି ହେବା । ମଧ୍ୟାହ୍ନ ଧୂପ ସର୍‌ଲା ଉତ୍‌ରୁ ଉପର୍‌ବେଲା ସାଢ଼େ ୪ ବଜେନୁ ନୀତିକାନ୍ତି ମୁଲ୍ ହେଇଯାଇଛେ । ରାତିର୍ ସାଢ଼େ ୮ ବଜେ ଅଧରପଣା ନୀତି ଶେଷ୍ ହେବା । ଡେରି ରାତି ୨ ବଜେ ମାହାପୁରୁମାନ୍‌କର୍ ରାତ୍ରପହୁଡ଼ ନୀତି ସାଙ୍ଗେ ଆଏବା କାଏଲ୍ ରଥଯାତ୍ରାର୍ ଶେଷ୍ ପରବ୍ ନୀଳାଦ୍ରୀ ବିଜେ ହେବା ।

ପରମ୍ପରା ଅନ୍‌ସାରେ ଶ୍ରୀଜଗନ୍ନାଥ୍, ଶ୍ରୀ ବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ରଥ ଉପ୍‌ରେ ୩ ଟା ଲେଖା ଅଧର୍ ଉଚାର୍ ତୁମ୍ବା ଆକାରର୍  ମାଟିର୍ ହାଁଡ଼ିଥି ପଣା ରଖାଯିବା ।  ଇ ପଣାକେ ଗୁରସ୍, ସର୍, ଖିର୍‌ସା, କର୍ପୁର, ନବାତ, ଗୋଲ୍‌ମରିଚ, ଇଲାଚି ଆଉ ପାଚଲା କଦେଲ୍‌ଥି ତିଆର୍ କରାଯାଏସି । ପତ୍ରିବଡୁ, ଶୁଆବଡୁ ଆର୍ ଗରାବଡୁ ସେବକମାନେ ତିନ୍‌ହି ରଥ ନ ପୂଜା ପାଠ୍ କର୍‌ସନ୍ । ପୂଜାପଣ୍ଡା ସେବକ ମାନେ

ପଂଚ ଉପଚାର୍ ପଦ୍ଧତିଥି ଶ୍ରୀବିଗ୍ରହମାନ୍‌କୁ ଅଧରପଣା ଅର୍ପଣ କର୍‌ସନ୍ । ନୀତିକାନ୍ତି ସର୍‌ଲା ଉତ୍‌ରୁ ହାଁଡ଼ିମାନ୍‌କୁ ଭଙ୍ଗାଯିବା । ଇ ପଣା ପାଇକରି ରଥ ପାର୍ଶ୍ୱ ଦେବାଦେବୀ, ଅଶରୀରୀ ଆଉ ଚଣ୍ଡିଚାମୁଣ୍ଡା ମୁକ୍ତି ପାଏବେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମାତୃଭୂମିର୍ ସୁରକ୍ଷା ଲାଗି କାର୍‌ଗିଲ୍ ବୀର୍ ସହୀଦ୍ ମାନ୍‌କର୍ ସର୍ବୋଚ୍ଚ ବଳିଦାନ୍ ସବୁବେଲେ ସୁର୍‌ତା ହେଇକରି ରହେବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ଶହେ ୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କୁ ଉଦ୍‌ବୋଧନ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆଝିର୍ ଦିନେ ସାରାଦେଶେ କାର୍‌ଗିଲ୍ ବିଜୟ ଦିବସ୍ ପାଲନ୍ କରାଯାଉଛେ । କାର୍‌ଗିଲ୍‌ର ଉଚ୍ଚାଶିଖର୍, ପ୍ରତିକୂଳ ପାଗ୍ ଆଉ ଶତ୍ରୁପକ୍ଷର୍ ଆହ୍ୱାନ୍‌କେ ଭାରତୀୟ ସୈନିକ୍ ଯେନ୍ତା ହିସାବେ ସାମ୍ନା କରିଥିଲେ, ସେଟା ପ୍ରମାଣିତ୍ କରିଛେ ଯେ, ସେମାନ୍‌କର୍ ଆତ୍ମା ଗୁଟେ ଆହ୍ୱାନ୍ ନୁ ଉପ୍‌ରେ ରହିଥିଲା । ଇ ବଛର୍ ସେ ବୀର ମାନ୍‌କୁ ସୁର୍‌ତା

କରିକରି ଖାସ୍ ସୌର୍ଯ୍ୟ ବିଜୟ ଯାତ୍ରାର୍ ଆୟୋଜନ୍ କରାଯାଇଛେ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ବିଜୟ ଦିବସ୍)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଗଲା ୧୪ ତାରିଖ୍ ଦିଲ୍ଲୀର୍ ଜାତୀୟ ଯୁଦ୍ଧ ସ୍ମାରକୀ ନୁ ବାହାରିଥିବା ମୋଟର୍ ସାଇକେଲ୍ ରେଲି ଦ୍ରାସ୍‌ର କାର୍‌ଗିଲ୍ ଯୁଦ୍ଧ ସ୍ମାରକୀ ନ ପୁହୁଁଚିବା । ଗୁଟେ ଯାତ୍ରା ଗୁଟେ ରାଷ୍ଟ୍ର ଆଉ ଗୁଟେ ସଲାମ୍ ପ୍ରସଙ୍ଗଥି ମୋଟର୍ ସାଇକେଲ୍ ରେଲିର ଆୟୋଜନ୍ କରାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଗଲା ଦଶନ୍ଧିଥି ଦେଶର୍ ପ୍ରତିରକ୍ଷା ଉତ୍ପାଦନ୍, ରପ୍ତାନୀ ଆଉ ଭିନ୍ ଭିନ୍ ରାଷ୍ଟ୍ର ସହେତେ ରାଜନୈତିକ୍ ସହଯୋଗ୍ ନୂଆଁ ଶିଖରଥି ପୁହୁଁଚି ପାରିଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଭାରତୀୟ ନୌସେନାଥି ଆଇଏନ୍‌ଏସ୍ ମହେନ୍ଦ୍ରଗିରିର ସାମିଲ୍ ହେବାର୍, ଡିଆର୍‌ଡିଓ ତର୍‌ଫୁ ଉଷା ଆଉ ପିନାକ ଦୂରଗାମୀ କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ -ଦେଶର୍ ବୈଜ୍ଞାନିକ୍ ଆଉ ଇଞ୍ଜିନିୟରମାନ୍‌କର୍ ସାମୂହିକ୍ କାମ୍‌ର ପ୍ରତିଫଳନ୍ ବଲି କହିଥିଲେ । ପ୍ରଧାନ୍‌ମନ୍ତ୍ରୀ ‘କ୍ୟାଚ୍ ଦ ରେନ୍’ ଅଭିଯାନ୍ ବାବ୍‌ଦେ କହିଛନ୍, ବର୍ଷାର୍ ଫି’ ବୁନ୍ଦାର୍ ସଂରକ୍ଷଣ୍ କର୍‌ବାର୍ ଅଭିଯାନ୍‌କେ

ଗୁଟେ ଜନଆନ୍ଦୋଲନ୍ ବନାବାର୍ ସମିଆ ଆସିଛେ । ଜଳଉତ୍ସ ମାନ୍‌କର୍ ପୁନରୁଦ୍ଧାର୍, ବର୍ଷାପାଏନ୍‌ର ଅମଲ୍, ଭୂତଳ ଜଲ୍‌ସ୍ତର୍ ବଢ଼ାବାର୍ ଆଉ ଗଛ୍ ଜଗାବାର୍ ଉପ୍‌ରେ ଶ୍ରୀ ମୋଦୀ ଜୋର୍ ଦେବାର୍ ସହେତେ ଜଲ୍‌ଉତ୍ସର୍ ସଂରକ୍ଷଣ୍‌ଥି ଭୁବ୍‌ନେଶ୍ୱର୍‌ର ସଫଲତାକେ ପ୍ରଶଂସା କରିକରି କହିଛନ୍ ।

(ଭଏସ୍ ଓଭର୍- କ୍ୟାଚ୍ ଦ ରେନ)

କ୍ରୀଡ଼ା କ୍ଷେତ୍ର୍‌ଥି ଭାରତୀୟ ଖେଲାଲିଙ୍କର୍ ଉତ୍କୃଷ୍ଟ ପ୍ରଦର୍ଶନ୍ ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଆଲୋକପାତ କର୍‌ବାର୍ ସହେତେ କହିଛନ୍ ଜାପାନ୍ ଓପନ୍ ବେଡ଼୍‌ମିଂଟନ୍ ଟାଇଟଲ୍ ହାସଲ୍ କର୍‌ବାର୍‌ଥି ପି.ଭି. ସିନ୍ଧୁ ହେଉଛନ୍ ପହେଲା ଭାରତୀୟ ।

ସେନ୍ତା ଭାରତୀୟ ମହିଳା କ୍ରିକେଟ୍ ଦଲ୍ ଲର୍ଡ୍‌ସ୍ ଷ୍ଟାଡ଼ିୟମ୍‌ଥି ପହେଲା ଟେଷ୍ଟ୍ ଜିତ୍‌ବାର୍ ବାବ୍‌ଦେ ଭିଲ୍ ଶ୍ରୀ ମୋଦୀ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ମହାକାଶ୍ କ୍ଷେତ୍ର୍‌ଥି ଘରୋଇ ଉଦ୍ୟୋଗ୍‌ର ସଫଲତାକେ ଉଚା ପ୍ରଶଂସା କରିକରି କହିଛନ୍, ବିକ୍ରମ୍ -୧ ର ସଫଲ୍ ପରୀକ୍ଷଣ୍ ଦେଶର୍ ଯୁବ ଉଦ୍ଭାବକ୍ ମାନ୍‌କର୍ ପ୍ରେରଣା ଆଉ ଚେଷ୍ଟାର ନିଦର୍ଶନ୍ । ବିଜ୍ଞାନ୍ ଅଲମ୍ପିଆଡ୍‌ଥି ଭିନ୍ ଭିନ୍ ବର୍ଗଥି ଭଲ୍ ପ୍ରଦର୍ଶନ୍ କରିଥିବା ଛାତ୍ରଛାତ୍ରୀ ଦେଶ୍ ଲାଗି ଗୌରବ୍ ଆନିଛନ୍ ବଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ ।

ପରିବେଶ୍ ପ୍ରଦୂଷଣ୍ ବାବ୍ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ପ୍ଲାଷ୍ଟିକ୍ ଲାଗି ହେଉଥିବା ପ୍ରଦୂଷଣ୍ ଇହାଦେ ଗୁଟେ ବଡ଼ ଆହ୍ବାନ୍ ହେଇଛେ । ପ୍ଲାଷ୍ଟିକ୍ ରିସାଇକ୍ଲିଂ ଜରିଏ ଆବର୍ଜନାର ସଦ୍‌ଉପଯୋଗ୍ କରାଯାଇକରି ଭିନ୍ ଭିନ୍ ଦରବ୍ ତିଆର୍ କରାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆଏବା ମାସ ୭ ତାରିଖ୍ ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ କରାଯିବା । ବୁଣାକାର୍ ଆଉ ହସ୍ତତନ୍ତ କାରିଗର୍‌ଙ୍କର୍ ଦକ୍ଷତା ଆଉ ସୃଜନଶୀଳତାକେ ସମ୍ମାନ୍ ଜନାବାର୍ ଲାଗି ଭୋକାଲ୍ ଫର୍ ଲୋକାଲ୍ ଭାବ୍‌ନାକେ ଅଏତ୍‌କା ବର୍‌କସ୍ କର୍‌ବାର୍‌କେ ଶ୍ରୀ ମୋଦୀ ଆହ୍ବାନ୍ ଦେଇଛନ୍ । ଗଲା ୧୨ ବଛର୍ ଭିତ୍‌ରେ ହସ୍ତତନ୍ତ ଦରବ୍‌ର ବିକ୍ରି ୬ ଗୁନା ବଢ଼ିକରି ପାଖାପାଖି ୮ ହଜାର୍ କୋଟି ଟଙ୍କାଥି ପୁହୁଁଚିଛେ । ତିହାର୍ ବାହାର୍ ମାନ୍‌କେ ଖଦୀ, ହସ୍ତତନ୍ତ ଆଉ ହସ୍ତଶିଳ୍ପ ନୁ ତିଆର୍ ଦରବ୍ ଘିନ୍‌ବାର୍‌କେ ଶ୍ରୀ ମୋଦୀ ସମ୍‌କୁ ଆହ୍ବାନ୍ ଦେଇଛନ୍ ।

(ଭଏସ୍ ଓଭର୍- ଭୋକାଲ୍ ଫର୍ ଲୋକାଲ)

'ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ବାବ୍ଦେ ଶ୍ରୀ ମୋଦୀ କହିଛନ୍, ଇଟା ଦେଶ୍‌କେ ଏକ୍ କରିଛେ । ଅଗଷ୍ଟ ୧୫ ଆଘୋନୁ ମାଇ ଗଭ୍ ପୋର୍ଟାଲ୍‌ଥି ନିଜର୍ ଚିନ୍ତାଧାରା ଆଉ ପରାମର୍ଶ ପଠାବାର୍‌କେ ଶ୍ରୀ ମୋଦୀ ଦେଶ୍‌ବାସୀଙ୍କୁ ଅନୁରୋଧ୍ କରିଛନ୍ ।

ନୂଆଶିକ୍ଷାମନ୍ତ୍ରୀ ଦାୟିତ୍ୱ          ଆର୍‌ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଷୀ ଆଏଜ୍ ଦେଶର୍ ଶିକ୍ଷାମନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ୍ କରିଛନ୍ । ଦାୟିତ୍ୱ ନେଲା ଉତ୍‌ରୁ ସେ କହିଛନ୍, ନମ୍ରତା ଆଉ ଗଭୀର କର୍ତବ୍ୟବୋଧ ସହେତେ ଇ ଦାୟିତ୍ୱକେ ତୁଲାମି । ଇଥିର୍‌ଲାଗି ସେ ପ୍ରଧାନ୍‌ମନ୍ତ୍ରୀଙ୍କୁ କୃତଜ୍ଞତା ଜନେଇଛନ୍ । ଶ୍ରୀ ଯୋଷୀ ଇହାଦେ ଉପଭୋକ୍ତା ବ୍ୟାପାର୍, ଖାଦ୍ୟ ଆଉ ପ୍ରକ୍ରିୟାକରଣ୍, ସାଧାରଣ୍ ବଂଟନ୍ ଆଉ ନୂତନ୍ ଆଉ ନବୀକରଣୀୟ ଶକ୍ତି ବିଭାଗ୍‌ର ମନ୍ତ୍ରୀ ଭାବେ ଭିଲ୍ ଦାୟିତ୍ୱ ତୁଲଉଛନ୍ ।

କାର୍‌ଗିଲ୍ ବିଜୟ ଦିବସ୍          ଆର୍‌ଏନ୍ୟୁ/ ସମ୍ବଲପୁର

ସାରା ଦେଶେ ଆଏଜ୍ ପାଲନ୍ କରାଯାଉଛେ କାର୍‌ଗିଲ୍ ବିଜୟ ଦିବସ୍ । ୧୯୯୯ ମସିହାର୍ ୮୪ ଦିନର୍ ଯୁଦ୍ଧ ବେଲ୍‌କେ ସାରା ପୁର୍‌ଥି ଭାରତୀୟ ସେନାର୍ ସୌର୍ଯ୍ୟ ଆଉ ପରାକ୍ରମ୍ ଦେଖିଥିଲା । କାର୍‌ଗିଲ୍ ଯୁଦ୍ଧଥି ଭାରତୀୟ ବୀର ଯବାନ୍-ପାକିସ୍ତାନ୍

ସେନାକେ ହରେଇଥିଲେ । ଇ ଯୁଦ୍ଧଥି ୫ ଶହ ୨୭ ଝନ୍ ଭାରତୀୟ ଯବାନ୍ ଶହୀଦ୍ ହେଇଥିଲା ବେଲ୍‌କେ ୧ ହଜାର୍ ୩ ଶହ ୬୩ ଝନ୍ ଆହତ୍ ହେଇଥିଲେ । ସେମାନ୍‌କର୍ ବଲିଦାନ୍ ଲାଗି କାର୍‌ଗିଲ୍‌ର ଟାଇଗର୍ ହିଲ୍‌ଥି ଭାରତୀୟ ସେନା ତ୍ରିରଙ୍ଗା ଉଡ଼ାବାର୍‌ଥି ସଫଲ୍ ହେଇଥିଲା ।

କାର୍‌ଗିଲ୍ ବିଜୟ ଦିବସ୍ ଅବ୍‌ସରେ ଦେଶ୍ ଲାଗି ସବୁନୁ ବଡ଼ ବଲିଦାନ୍ ଦେଇଥିବା ଶହୀଦ୍ ମାନ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ରାଷ୍ଟ୍ରପତି କହିଛନ୍, ମାତୃଭୂମିର୍ ସୁରକ୍ଷା ଲାଗି ଜୀବନ୍ ଦେଇଥିବା ବୀର୍ ଯୋଦ୍ଧା ମାନ୍‌କର୍ ଅଦ୍ୱିତୀୟ ପରାକ୍ରମ୍, ଅଟଳ ସଂକଳ୍ପ ଆଉ ଅନନ୍ୟ ରାଷ୍ଟ୍ରଭକ୍ତି ଭାରତୀୟ ସେନାର୍ ଗୌରବ୍‌ମୟ ପରିକ୍ରମାର୍ ଗୁଟେ ବର୍‌କସ୍ ଉଦାହରଣ୍ ଆଏ । ଦେଶ୍ ସବୁବେଲେ ସେମାନ୍‌କର୍ ନ ଋଣୀ ହେଇକରି ରହେବା । ସହୀଦ୍ ଯବାନ୍ ମାନ୍‌କର୍ ବୀର୍ ଗାଥା ଆଏବା ପିଢ଼ିକେ ରାଷ୍ଟ୍ରସେବା ଆଉ କର୍ତବ୍ୟ ନିଷ୍ଠାର ରାହାଥି ପ୍ରେରଣା ଯୁଗାବା ବଲି ରାଷ୍ଟ୍ରପତି କହିଛନ୍ ।

କାର୍ଗିଲ୍ ଯୁଦ୍ଧଥି ଭାରତ୍‌ର ଐତିହାସିକ୍ ବିଜୟ ଦେଶର୍ ସାର୍ବଭୌମତ୍ୱ ଆଉ ଭୂଖଣ୍ଡ ଅଖଣ୍ଡତାର୍ ଉଦାହରଣ୍ ବଲି ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍ କହିଛନ୍ । ଇ ବିଜୟ ଭାରତ୍‌ର

ସାମରିକ ଶକ୍ତି, ଜାତୀୟ ଏକତା ଆଉ ମାତୃଭୂମିକେ ସୁରକ୍ଷା ଦେବାର୍ ସଂକଳ୍ପର୍ ପ୍ରମାଣ୍ ଆଏ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଝିରର୍ ଦିନ୍ ଭାରତ୍‌ମାତାର୍ ଶହୀଦ୍ ବୀର ସନ୍ତାନ୍‌ମାନ୍‌କର୍ ଅପୂର୍ବ ସାହସ୍ ଆର୍ ସୌର୍ଯ୍ୟର୍ ସୁର୍‌ତା କରାସି ବଲି କହିଛନ୍ ।

ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ରାଷ୍ଟ୍ରସେବାଥି ଜୀବନ୍ ଉତ୍ସର୍ଗ କରିଥିବା କାର୍‌ଗିଲ୍‌ର ବୀର୍ ସହୀଦ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଦ୍ରାସ୍ ନ ଥିବା କାର୍‌ଗିଲ୍ ଯୁଦ୍ଧ ସ୍ମାରକୀ ନ ମାଲ୍ୟାର୍ପଣ୍ କରିକରି ସୈନିକ୍ ମାନ୍‌କର୍ ସାହସିକତା ଆଉ ସର୍ବୋଚ୍ଚ ବଳିଦାନ୍‌କେ ସମ୍ମାନିତ୍ କରିଥିଲେ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ସର୍ବୋଚ୍ଚ ବଳିଦାନ୍ ଦେଇଥିବା ବୀର୍ ଯବାନ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ସେମାନ୍‌କର୍ ଅଦମ୍ୟ ସାହସ୍, ଅତୁଳନୀୟ ପରାକ୍ରମ୍ ଦେଶ୍ ଲାଗି ଅତୁଟ ସମର୍ପଣ୍ ସବୁବେଳେ ଦେଶ୍‌ବାସୀଙ୍କୁ ପ୍ରେରଣା ଦେବା ।

ଦେଶ ମାତୃକାର୍ ସୁରକ୍ଷା ଲାଗି କାର୍‌ଗିଲ୍ ଯୁଦ୍ଧଥି ବଳିଦାନ୍ ଦେଇଥିବା ବୀର ଯବାନ୍ ମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଜନ ଅଭିଯୋଗ୍ ଶୁଣାଣି          ଆଇ.ଆଣ୍ଡ.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ସଖାଲର୍ ୮ ବଜେନୁ ୟୁନିଟ୍-୨ ଅଶୋକ୍ ନଗର୍ ଭୁବ୍‌ନେଶ୍ୱର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇଥିର୍ ଲାଗି ପଞ୍ଜିକରଣ୍ କରିଥିବା ଆଗ୍ରହୀ ଲୁକେ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଆଉ ନିଜର୍ ଅଭିଯୋଗ୍ ପତ୍ର ସାଙ୍ଗେ ଉପସ୍ଥିତ୍ ରହିକରି ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯାଗ୍ ଜନେଇପାର୍‌ବେ ।

ସମ୍ବଲ୍‌ପୁରୀ ଦିନ୍          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁରୀ ଭାଷା, ସାହିତ୍ୟ ଆଉ ସଂସ୍କୃତିକେ ସାରା ପୁର୍‌ଥି ନ ପୁହୁଁଚାବାର୍ ଲାଗି ସମ୍ବଲ୍‌ପୁରୀ ଏକ୍‌ତା ମଂଚ୍ ତର୍‌ଫୁ ଅଗଷ୍ଟ୍ ୧

ତାରିଖ୍‌ରେ ସମ୍ବଲ୍‌ପୁରୀ ଦିନ୍ ଭାବେ ପାଳନ୍ କରାଯିବା । ଇ ଅବ୍‌ସରେ ମଂଚ ତରଫୁ ମା ସମଲେଶ୍ୱରୀଙ୍କର୍ ମନ୍ଦିର୍ ନ ଖାସ୍ ଥିମ୍ ସଙ୍ଗ୍‌କେ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ବ୍ୟୋମକେଶ୍ ତ୍ରିପାଠୀ ଉନ୍ମୋଚନ୍ କରିଛନ୍ ।

ବୌଦ୍ଧ- ନୀଳାଦ୍ରୀ ବିଜେ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଆଏଜ୍ ରାତି ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ନୀଳାଦ୍ରୀ ବିଜେ ଉତ୍ସବ୍ କରାଯିବା । ମାହାପୁରୁମାନ୍‌କର୍ ଦୈନିକ୍ ନୀତିକାନ୍ତି ଆଉ ଅଧରପଣା ନୀତି ଆଏଜ୍ ହେଇଯାଇଛେ । ତାର୍ ଉତ୍‌ରୁ ଆଏଜ୍ ରାତି ବ୍ରାହ୍ମଣ ସମାଜ୍‌ର ସଦସ୍ୟମାନେ ମାହାପୁରୁମାନ୍‌କୁ ପହଣ୍ଡିଥି ରଥନୁ ଉତ୍‌ରେଇକରି ନୀଳାଦ୍ରୀ ବିଜେ କରାବେ । ରଥଯାତ୍ରା ବେଲୁ ରାଗିକରି ଥିବା ମା ମହାଲକ୍ଷ୍ମୀଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ରସଗୁଲା ଖୁଏଇକରି ତାଙ୍କର୍ ଅଭିମାନ୍ ଦୂର୍ କର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ -ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗିକରି ଥିବା ପଶ୍ଚିମବଙ୍ଗ ଓଡ଼ିଶା ସମୁଦ୍ରଖଁଡ଼ି ନ ବନିଥିବା ଲଘୁଚାପ୍ -ଅବପାତ୍‌ଥି ବଦ୍‌ଲିଛେ । ଆଏବା ୨୪ ଘଂଟା ଭିତ୍‌ରେ ଇଟା ଗଭୀର ଅବପାତ ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ଆଏବା ୨ ଦିନ୍ ତକ୍ ଜବର୍ ବର୍ଷା ହେବା ବଲି ଅନୁମାନ୍ କରାଯାଇଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ବର୍ଷା ହେବା ବଲି ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ସହେତେ ୧୦ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।